# ପ୍ରାକ୍-ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୁପଣ ସମ୍ପର୍କୀତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ।

District Advosory committee meeting on PC & PNDT Act. 1994

## ଘରୋଇ ହସପିଟାଲ ଓ କ୍ଲିନିକ୍ ଗୁଡିକରେ କରୋନା କର୍ଣ୍ଣର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ।

ଅନୁଗୋଳ,୨୬.୬ :- ଜିଲ୍ଲାରେ ଚାଲୁଥିବା ୧୪ଟି ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକରେ PC &PNDT ଆଇନର ସଠିକ୍ କାର୍ଯ୍ୟକାରିତାକୁ ନେଇ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷରେ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପାଲଲହଡା ଓ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ଓଡିଶା ରାଜ୍ୟ ମେଡିକାଲ ନିଗମ ଦ୍ୱାରା ପ୍ରଦାନ କରାଯାଉଥିବା ଅଲଟ୍ରାସାଉଣ୍ଡ ମେସିନ୍ ସ୍ଥାପନ ନିମନ୍ତେ ଅନୁମତି ପ୍ରଦାନ କରାଗଲା । ତାଳଚେର କୋଭିଡ ହସପିଟାଲକୁ ଏକ ନୂତନ ଅଲଟ୍ରାସାଉଣ୍ଡ ମେସିନ୍‌ର ପଞ୍ଜିକରଣକୁ ସର୍ତ୍ତମୂଳକ ଭାବେ ବୈଧ କରାଗଲା । ପ୍ରତ୍ୟେକ ଘରୋଇ ନର୍ସିଂହୋମକୁ ତଦାରଖ କରିବା ନିମନ୍ତେ ଏକ ୩ ଜଣିଆ କମିଟି ଯଥା ମେଡିକାଲ ଅଫିସର,ପୋଲିସ ଅଫିସର ଓ ଜଣେ Executive Magistrateଙ୍କୁ ନେଇ ଗଠନ କରାଗଲା । ଏହି କମିଟି ନିୟମିତ ନର୍ସିଂହୋମଗୁଡିକୁ ପରିଦର୍ଶନରେ ଯାଇ କୋଭିଡ-୧୯ର ପ୍ରୋଟୋକଲ୍ ସଠିକ୍ ଭାବେ ପାଳନ ହେଉଛି କି ନାହିଁ ତଦାରଖ କରିବେ ଏବଂ କୌଣସି ଅନିୟମିତତା ପରିଲକ୍ଷିତ ହେଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଛଡା ସମ୍ପୃକ୍ତ ଘରୋଇ ହସପିଟାଲ ଓ କ୍ଲିନିକ୍ ଗୁଡିକରେ କରୋନା କର୍ଣ୍ଣର ସଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ଏହାକୁ ତଦାରଖ କରିବେ । ବୈଠକରେ ଜିଲ୍ଲା ଖଣିଜ ପାଣ୍ଠିରେ ତାଳଚେର ଉପଖଣ୍ଡ ହସପିଟାଲ ପାଇଁ ନୂତନ ଅଲଟ୍ରାସାଉଣ୍ଡ ମେସିନ୍ କିଣିବା ନିମନ୍ତେ ଅନୁମୋଦନ କରାଗଲା । ସମ୍ପ୍ରତି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କନ୍ୟା ସନ୍ତାନମାନଙ୍କ ପାଇଁ ଅନୁଷ୍ଠିତ ହେଉଥିବା ସଚେତନତା କାର୍ଯ୍ୟକ୍ରମକୁ ବନ୍ଦ କରାଗଲା । ଜନ୍ମ ମୃତ୍ୟୁ ପଞ୍ଜିକରଣ ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାରେ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା ୨୦୧୯ ଜାନୁଆରୀ ରୁ ଡିସେମ୍ବର ମାସ ମଧ୍ୟରେ ୯୨୨ ଥିବାର ଜଣାପଡିଛି । ୨୦୨୦ ଜାନୁଆରୀରୁ ମେ ମାସ ମଧ୍ୟରେ କନ୍ୟା ସନ୍ତାନଙ୍କ ସଂଖ୍ୟା ୮୯୦ ରହିଛି । ଖମାର,ତାଳଚେର,ବନ୍ତଳା ଓ କିଶୋରନଗରରେ କନ୍ୟା ସନ୍ତାନମାନଙ୍କର ବୃଦ୍ଧି ଉତ୍ସାହଜନକ ଥିବାର ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା । ପି ସି ଆଣ୍ଡ ପି ଏନ୍ ଡି ଟିର ପିଏ ଶ୍ରୀ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରତାପ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସୁବ୍ରତ କୁମାର ବେହେରା,ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ମହାପାତ୍ରଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୧୧ ତା.୨୬.୬.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


GOVERNMENT OF ODISHA

